**[ SET–C ]** **Roll No.**

Total No. of Printed Pages—36

**715 R/715 E/Distance Edu.**

**( Regular/Ex-Regular )**

**HIS**

**( Arts )**

Section—A ( As per 2014 Syllabus )

Section—B ( As per 2011–2013 Syllabi )

( Students are required to give their answers from any **one** Section according to their Syllabus )

**2 0 1 4 (A)**

ARTS

# HISTORY

*Full Marks* : 100

*Time* : 3 hours

*The figures in the right-hand margin indicate marks*

ଦକ୍ଷିଣ ପାର୍ଶ୍ୱରେ ଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟାଙ୍କ ସୂଚାଉଛି

*Answer the questions of **all** the Groups as directed*

ନିର୍ଦ୍ଦେଶାନୁସାରେ **ସମସ୍ତ** ବିଭାଗର ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ

## SECTION—A

( As per 2014 Syllabus )

GROUP—A

କ—ବିଭାଗ

1. From the given four alternatives in each question, choose and write serially the correct answer along with its serial number. All questions are compulsory : 1×15=15

ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ତା'ର କ୍ରମିକ ସଂଖ୍ୟା ସହିତ କ୍ରମାନୁସାରେ ଲେଖ। ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ :

(a) Which is the earliest of the Vedas?
ବେଦମାନଙ୍କ ମଧ୍ୟରେ କେଉଁଗୋଟି ପ୍ରାଚୀନତମ ?

(i) Sama Veda
ଶାମ ବେଦ

(ii) Atharva Veda
ଅଥର୍ବ ବେଦ

(iii) Yajur Veda
ଯଜୁଃ ବେଦ

(iv) Rig Veda
ଋକ୍ ବେଦ





(b) Which one is not an archaeological source of history?
କେଉଁଗୋଟି ଇତିହାସର ଏକ ପ୍ରତ୍ନତାତ୍ତ୍ୱିକ ଉତ୍ସ ନୁହେଁ ?

(i) Monument
କୀର୍ତ୍ତିସ୍ତମ୍ଭ

(ii) Coin
ମୁଦ୍ରା

(iii) Purana
ପୁରାଣ

(iv) Inscription
ଶିଳାଲେଖ

(c) Who did write history first?
କେଉଁମାନେ ପ୍ରଥମେ ଇତିହାସ ରଚନା କରିଥିଲେ ?

(i) The Romans
ରୋମାନ୍‌ମାନେ

(ii) The Greeks
ଗ୍ରୀକ୍‌ମାନେ

(iii) The Germans
ଜର୍ମାନ୍‌ମାନେ

(iv) The Indians
ଭାରତୀୟମାନେ

(d) Where did Gautama Buddha attain Mahaparinirvana?
ଗୌତମ ବୁଦ୍ଧ କେଉଁଠାରେ ମହାପରିନିର୍ବାଣ ଲାଭ କରିଥିଲେ ?

(i) Kapilavastu
କପିଳବସ୍ତୁ

(ii) Kusinagara
କୁଶୀନଗର

(iii) Uruvilva
ଉରୁବିଲ୍ୱ

(iv) Sarnath
ସାରନାଥ

(e) Who did write *Brihat Samhita*?
ବୃହତ୍ ସଂହିତା କିଏ ରଚନା କରିଥିଲେ ?

(i) Aryabhatta
ଆର୍ଯ୍ୟଭଟ୍ଟ

(ii) Varahamihira
ବରାହମିହିର

(iii) Brahmagupta
ବ୍ରହ୍ମଗୁପ୍ତ

(iv) Vishnusharma
ବିଷ୍ଣୁଶର୍ମା





(f) What was 'Kantaka Sodhana'?
'କଣ୍ଟକ ଶୋଧନ' କ'ଣ ଥିଲା ?

(i) Military Administration
ସାମରିକ ଶାସନ

(ii) Council of Ministers
ମନ୍ତ୍ରୀ ପରିଷଦ

(iii) Court of Justice
ବିଚାରାଳୟ

(iv) Land Revenue
ଭୂ-ରାଜସ୍ୱ

(g) What are the devotional songs of Kabir called?
କବୀରଙ୍କ ଭଜନଗୁଡ଼ିକୁ କ'ଣ କୁହାଯାଏ ?

(i) Guruvani
ଗୁରୁବାଣୀ

(ii) Bijaka
ବୀଜକ

(iii) Doha
ଦୋହା

(iv) Pir
ପୀର

(h) Who is considered as the real founder of the Delhi Sultanate?

କାହାକୁ ଦିଲ୍ଲୀରେ ସୁଲତାନ ରାଜତ୍ୱର ପ୍ରକୃତ ପ୍ରତିଷ୍ଠାତା ଭାବେ ବିଚାର କରାଯାଏ ?

(i) Ala-ud-din Khilji
ଆଲାଉଦ୍ଦିନ୍ ଖିଲ୍‌ଜୀ

(ii) Balban
ବଲ୍‌ବନ୍

(iii) Qutb-ud-din Aibak
କୁତବୁଦ୍ଦିନ୍ ଆଇବାକ୍

(iv) Iltutmish
ଇଲ୍‌ତୁତ୍‌ମିସ୍

(i) When did Krishnadevaraya ascend the throne of Vijayanagar?

କେବେ କୃଷ୍ଣଦେବରାୟ ବିଜୟନଗର ସିଂହାସନ ଆରୋହଣ କରିଥିଲେ ?

(i) 1505 AD
୧୫୦୫ ଖ୍ରୀଃଅଃ

(ii) 1509 AD
୧୫୦୯ ଖ୍ରୀଃଅଃ

(iii) 1510 AD
୧୫୧୦ ଖ୍ରୀଃଅଃ

(iv) 1514 AD
୧୫୧୪ ଖ୍ରୀଃଅଃ





(j) When did the Jallianwala Bagh Massacre occur?

ଜାଲିଆନ୍‌ୱାଲା ବାଗ୍ ହତ୍ୟାକାଣ୍ଡ କେବେ ଘଟିଥିଲା ?

(i) 6th April, 1919
୧୯୧୯ ଏପ୍ରିଲ୍ ୬

(ii) 13th April, 1919
୧୯୧୯ ଏପ୍ରିଲ୍ ୧୩

(iii) 23rd November, 1919
୧୯୧୯ ନଭେମ୍ବର ୨୩

(iv) 20th June, 1920
୧୯୨୦ ଜୁନ୍ ୨୦

(k) Who did introduce postal system in India?

କିଏ ଭାରତରେ ଡାକ ବ୍ୟବସ୍ଥା ପ୍ରଚଳନ କରିଥିଲେ ?

(i) Lord Cornwallis
ଲର୍ଡ କର୍ଣ୍ଣୱାଲିସ୍

(ii) Sir Thomas Munro
ସାର୍ ଥୋମାସ୍ ମୁନ୍‌ରୋ

(iii) Warren Hastings
ୱାରେନ୍ ହେଷ୍ଟିଙ୍ଗସ୍

(iv) Lord Dalhousie
ଲର୍ଡ ଡେଲ୍‌ହାଉସୀ

(l) When did Mangal Pandey ignite the Revolt of 1857?

କେବେ ମଙ୍ଗଳ ପାଣ୍ଡେ ୧୮୫୭ ବିଦ୍ରୋହର ଅଗ୍ନି ସଂଯୋଗ କରିଥିଲେ ?

(i) 29th March, 1857
୧୮୫୭ ମାର୍ଚ୍ଚ ୨୯

(ii) 10th May, 1857
୧୮୫୭ ମେ' ୧୦

(iii) 11th May, 1857
୧୮୫୭ ମେ' ୧୧

(iv) 21st September, 1857
୧୮୫୭ ସେପ୍ଟେମ୍ବର ୨୧

(m) Which Garhjat did merge in India first?

କେଉଁ ଗଡ଼ଜାତ ପ୍ରଥମେ ଭାରତରେ ମିଶିଥିଲା ?

(i) Ranapur
ରଣପୁର

(ii) Nilagiri
ନୀଳଗିରି

(iii) Mayurbhanj
ମୟୂରଭଞ୍ଜ

(iv) Talcher
ତାଳଚେର





(n) When was Bihar-Odisha province created?

କେବେ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା ?

(i) 1903 AD
୧୯୦୩ ଖ୍ରୀଃଅଃ

(ii) 1912 AD
୧୯୧୨ ଖ୍ରୀଃଅଃ

(iii) 1936 AD
୧୯୩୬ ଖ୍ରୀଃଅଃ

(iv) 1917 AD
୧୯୧୭ ଖ୍ରୀଃଅଃ

(o) Whom did Kharavela defeat in Magadha and brought back the image of Kalinga Jina from Magadha?

ଖାରବେଳ ମଗଧରେ କାହାକୁ ପରାସ୍ତ କରିଥିଲେ ଏବଂ କଳିଙ୍ଗ ଜୀନ ମୂର୍ତ୍ତି ଫେରାଇ ଆଣିଥିଲେ ?

(i) Satakarni
ସାତକର୍ଣ୍ଣି

(ii) Vidyadhara
ବିଦ୍ୟାଧର

(iii) Demetrios
ଡିମେଟ୍ରିଅସ୍

(iv) Brihaspatimitra
ବୃହସ୍ପତିମିତ୍ର

**2.** Complete each sentence filling in the blank : 1×15=15

ଶୂନ୍ୟସ୍ଥାନ ପୂରଣ କରି ପ୍ରତ୍ୟେକ ବାକ୍ୟ ସମ୍ପୂର୍ଣ୍ଣ କର :

*(a)* The treasurer in the administration of later Vedic Age was called ——.

ପରବର୍ତ୍ତୀ ବୈଦିକ ଯୁଗର ଶାସନରେ କୋଷାଧ୍ୟକ୍ଷଙ୍କୁ —— କୁହାଯାଉଥିଲା ।

*(b)* Hiuen-Tsang visited India during the reign of ——.

——ଙ୍କ ରାଜତ୍ୱ ସମୟରେ ହୁଏନ୍ ସାଂ ଭାରତ ଭ୍ରମଣରେ ଆସିଥିଲେ ।

*(c)* —— wrote the book, *What is History.*

—— ହ୍ୱାଟ୍ ଇଜ୍ ହିଷ୍ଟ୍ରି ପୁସ୍ତକ ରଚନା କରିଥିଲେ ।

*(d)* —— was the first Tirthankara of Jainism.

—— ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଥିଲେ ।

*(e)* —— had assumed the title of 'Kaviraja'.

—— 'କବିରାଜ' ଉପାଧି ଧାରଣ କରିଥିଲେ ।





*(f)* The number of members in the military council of Chandragupta Maurya was ——.

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସାମରିକ ପରିଷଦରେ ସଦସ୍ୟଙ୍କ ସଂଖ୍ୟା ଥିଲା —— ।

*(g)* At the time of Srichaitanya's visit to Puri, —— was ruling over Odisha.

ଶ୍ରୀଚୈତନ୍ୟଙ୍କ ପୁରୀ ଆଗମନ ସମୟରେ —— ଓଡ଼ିଶାରେ ଶାସନ କରୁଥିଲେ ।

*(h)* The head of a Pargana during the period of Delhi Sultanate was called ——.

ଦିଲ୍ଲୀରେ ସୁଲତାନ ରାଜତ୍ୱ ସମୟରେ ଏକ ପରଗଣାର ମୁଖ୍ୟଙ୍କୁ —— କୁହାଯାଉଥିଲା ।

*(i)* Kondavidu was occupied by Vijayanagar in the year ——.

—— ମସିହାରେ ବିଜୟନଗର ଦ୍ୱାରା କୋଣ୍ଡାଭିଡୁ ଅଧିକୃତ ହୋଇଥିଲା ।

*(j)* Laxman Nayak led the Quit India Movement at ——.

——ଠାରେ ଲକ୍ଷ୍ମଣ ନାୟକ ଭାରତ ଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

(k) The Permanent Settlement was introduced in the year ——.

—— ମସିହାରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳିତ ହୋଇଥିଲା ।

(l) The revolutionaries of Meerut requested —— to take up the leadership of the Revolt of 1857.

ମିରଟର ବିପ୍ଳବୀମାନେ ——ଙ୍କୁ ୧୮୫୭ ବିଦ୍ରୋହର ନେତୃତ୍ୱ ନେବା ପାଇଁ ଅନୁରୋଧ କରିଥିଲେ ।

(m) —— attended the First Round Table Conference as a representative from Odisha.

—— ଓଡ଼ିଶାରୁ ଏକ ପ୍ରତିନିଧିଭାବେ ପ୍ରଥମ ଗୋଲ୍ ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ ।

(n) —— built the Jagannath Temple at Puri.

—— ପୁରୀଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ।

(o) Kharavela belonged to —— dynasty.

ଖାରବେଳ —— ରାଜବଂଶର ଅନ୍ତର୍ଗତ ଥିଲେ ।





## GROUP—B

### ଖ—ବିଭାଗ

**3.** Answer any *eleven* questions. Write each answer within 2 sentences : 2×11=22

ଯେକୌଣସି ଏଗାରଟି ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକ ଉତ୍ତର ୨ଟି ବାକ୍ୟ ମଧ୍ୟରେ ଲେଖ :

(a) What is 'Dharma Chakra Pravartana'?

'ଧର୍ମ ଚକ୍ର ପ୍ରବର୍ତ୍ତନ' କ'ଣ ?

(b) What were Sabha and Samiti respectively during early Vedic Age and how was each of them constituted?

ଆଦି ବୈଦିକ ଯୁଗରେ ସଭା ଓ ସମିତି ଯଥାକ୍ରମେ କ'ଣ ଥିଲା ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଟି କିପରି ଗଠିତ ହୋଇଥିଲା ?

(c) Whose court did Megasthenes visit and whose ambassador was he?

ମେଗାସ୍ଥିନିସ୍ କାହାର ଦରବାରକୁ ଆସିଥିଲେ ଏବଂ ସେ କାହାର ରାଷ୍ଟ୍ରଦୂତ ଥିଲେ ?

(d) Who were called Prativedakas and what was their main duty?

କେଉଁମାନଙ୍କୁ ପ୍ରତିବେଦକ କୁହାଯାଉଥିଲା ଏବଂ ସେମାନଙ୍କର ମୁଖ୍ୟ କର୍ତ୍ତବ୍ୟ କ'ଣ ଥିଲା ?

(e) What was Zakat during the period of Delhi Sultanate?
ଦିଲ୍ଲୀରେ ସୁଲତାନ୍ ରାଜତ୍ୱ ସମୟରେ ଜାକତ କ'ଣ ଥିଲା ?

(f) What are the two main contributions of Aryabhatta to science?
ବିଜ୍ଞାନକୁ ଆର୍ଯ୍ୟଭଟ୍ଟଙ୍କ ଦୁଇଟି ମୁଖ୍ୟ ଅବଦାନ କ'ଣ ?

(g) When did Prataparudradeva sign a treaty with Krishnadevarayа and what was decided by it?
କେବେ ପ୍ରତାପରୁଦ୍ରଦେବ କୃଷ୍ଣଦେବରାୟଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ ଏବଂ ଏହା ଦ୍ୱାରା କ'ଣ ନିଷ୍ପତ୍ତି ହୋଇଥିଲା ?

(h) How did language and literature improve due to Sufi and Bhakti Movements?
ସୁଫି ଓ ଭକ୍ତି ଆନ୍ଦୋଳନ ଯୋଗୁଁ ଭାଷା ଓ ସାହିତ୍ୟର କିପରି ଉନ୍ନତି ହୋଇଥିଲା ?

(i) What was the fate of Tantya Tope in the Revolt of 1857?
୧୮୫୭ ବିଦ୍ରୋହରେ ତାନ୍ତିଆ ଟୋପେଙ୍କ ଭାଗ୍ୟରେ କ'ଣ ଘଟିଥିଲା ?





(j) When was the Hatigumpha Inscription discovered and in which language is it inscribed?
ହାତୀଗୁମ୍ଫା ଶିଳାଲେଖ କେବେ ଆବିଷ୍କୃତ ହୋଇଥିଲା ଏବଂ ଏହା କେଉଁ ଭାଷାରେ ଖୋଦିତ ହୋଇଛି ?

(k) Why did Gandhiji suspend the Non-Cooperation Movement suddenly?
କାହିଁକି ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନକୁ ହଠାତ୍ ସ୍ଥଗିତ ରଖିଦେଲେ ?

(l) When was the railways introduced in India and which two places of India were connected by railways first?
କେବେ ଭାରତରେ ରେଳପଥ ପ୍ରବର୍ତ୍ତନ ହେଲା ଏବଂ ଭାରତର କେଉଁ ଦୁଇଟି ସ୍ଥାନ ପ୍ରଥମେ ରେଳପଥ ଦ୍ୱାରା ସଂଯୁକ୍ତ ହୋଇଥିଲା ?

(m) When was the Utkal Sammilani formed and who did preside over its first conference?
ଉତ୍କଳ ସମ୍ମିଳନୀ କେବେ ଗଠିତ ହୋଇଥିଲା ଏବଂ କିଏ ଏହାର ପ୍ରଥମ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ ?

(n) Which king of Mayurbhanj did refuse to sign the merger agreement and why?
ମୟୂରଭଞ୍ଜର କେଉଁ ରାଜା ମିଶ୍ରଣ ରାଜିନାମାରେ ସ୍ୱାକ୍ଷର କରିବା ପାଇଁ ମନା କରି ଦେଇଥିଲେ ଏବଂ କାହିଁକି ?

**4.** Write short notes on any *six* of the following topics within 6 sentences each : 3×6=18

ନିମ୍ନଲିଖିତ ପ୍ରସଙ୍ଗମାନଙ୍କ ମଧ୍ୟରୁ ଯେକୌଣସି **ଛ'ଗୋଟି** ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ, ପ୍ରତ୍ୟେକ ଟିପ୍ପଣୀ ୬ଟି ବାକ୍ୟ ମଧ୍ୟରେ ରହିବ :

*(a)* Four Noble Truths

ଚତୁଃ ଆର୍ଯ୍ୟ ସତ୍ୟାନି

*(b)* Chaturashrama

ଚତୁରାଶ୍ରମ

*(c)* Position of women in early Vedic society

ଆଦି ବୈଦିକ ସମାଜରେ ନାରୀମାନଙ୍କ ସ୍ଥାନ

*(d)* Role of Ulemas in the period of Delhi Sultanate

ଦିଲ୍ଲୀରେ ସୁଲତାନ୍ ରାଜତ୍ୱ ସମୟରେ ଉଲେମାମାନଙ୍କ ଭୂମିକା

*(e)* Proclamation of Queen Victoria

ରାଣୀ ଭିକ୍ଟୋରିଆଙ୍କ ଘୋଷଣାପତ୍ର





*(f)* Administration of Krishnadevaraya

କୃଷ୍ଣଦେବରାୟଙ୍କ ଶାସନ

*(g)* Condition of Garhjat States before merger

ମିଶ୍ରଣ ପୂର୍ବରୁ ଗଡ଼ଜାତ ରାଜ୍ୟମାନଙ୍କ ଅବସ୍ଥା

*(h)* Iram Firing

ଇରମ୍ ଗୁଳିକାଣ୍ଡ

## GROUP—C
## ଗ—ବିଭାଗ

Answer any *four* questions : 7½×4=30

ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ :

**5.** Analyze the causes and consequences of the Kalinga War.

କଳିଙ୍ଗ ଯୁଦ୍ଧର କାରଣ ଓ ପରିଣାମଗୁଡ଼ିକ ବିଶ୍ଳେଷଣ କର ।

**6.** Give an account of the town planning and public buildings of Harappan culture.

ହରପ୍ପା ସଂସ୍କୃତିର ନଗର ଯୋଜନା ଓ ସର୍ବସାଧାରଣ ଗୃହଗୁଡ଼ିକର ଏକ ବିବରଣୀ ପ୍ରଦାନ କର ।

**7.** Assess the military achievements of Kapilendradeva.

କପିଳେନ୍ଦ୍ରଦେବଙ୍କ ସାମରିକ କୃତିତ୍ୱଗୁଡ଼ିକର ଆକଳନ କର ।

**8.** Narrate the background, programme, progress and results of the Civil Disobedience Movement.

ଆଇନ୍ ଅମାନ୍ୟ ଆନ୍ଦୋଳନର ପୃଷ୍ଠଭୂମି, କାର୍ଯ୍ୟକ୍ରମ, ଅଗ୍ରଗତି ଓ ଫଳାଫଳ ବର୍ଣ୍ଣନ କର ।





**9.** What are the contributions of the Mughals to architecture?

ସ୍ଥାପତ୍ୟକୁ ମୋଗଲମାନଙ୍କ ଅବଦାନଗୁଡ଼ିକ କ'ଣ ?

**10.** Discuss the architecture, sculpture and painting of the Gupta Age.

ଗୁପ୍ତଯୁଗର ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଚିତ୍ରକଳା ଆଲୋଚନା କର ।

## SECTION—B

( As per 2011–2013 Syllabi )

### GROUP—A

### କ—ବିଭାଗ

1. From the given four alternatives in each question, choose and write serially the correct answer along with its serial number. All questions are compulsory : 1×15=15

ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟ ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ତା'ର କ୍ରମିକ ସଂଖ୍ୟା ସହିତ କ୍ରମାନୁସାରେ ଲେଖ। ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ :

(a) Who did build the Hanging Garden of Babylon?
କିଏ ବେବିଲୋନ୍‌ର ଦୋଳାୟମାନ ଉଦ୍ୟାନ ନିର୍ମାଣ କରିଥିଲେ ?

(i) Hammurabi
ହାମୁରାବି

(ii) Nebuchadnezzar
ନେବୁଚାଦନେଜାର

(iii) Tiglath-Pileser I
ପ୍ରଥମ ଟିଗଲାଥ୍ ପିଲେସର୍

(iv) Tiglath-Pileser II
ଦ୍ୱିତୀୟ ଟିଗଲାଥ୍ ପିଲେସର୍





(b) Who was the ruler of Judaea at the time of Jesus's birth?
ଯୀଶୁଙ୍କ ଜନ୍ମ ସମୟରେ କିଏ ଜୁଦିଆର ଶାସକ ଥିଲେ ?

(i) Julius Caesar
ଜୁଲିୟସ ସିଜର

(ii) Pontius Pilate
ପଣ୍ଟିଅସ୍ ପିଲେଟ୍

(iii) Tiberius Caesar
ଟାଇବେରିୟସ୍ ସିଜର

(iv) Herod
ହେରଡ୍

(c) Who did introduce 'Ostracism'?
କିଏ 'ଅଷ୍ଟ୍ରାସିଜମ୍' ପ୍ରଚଳନ କରିଥିଲେ ?

(i) Pericles
ପେରିକ୍ଲିସ୍

(ii) Cleisthenes
କ୍ଲେଇସ୍‌ଥିନିସ୍

(iii) Draco
ଡ୍ରାକୋ

(iv) Solon
ସୋଲୋନ୍

(d) Who is the author of *Don Quixote*?
'ଡନ୍ କୁଇକ୍‌ଜୋ'ର ରଚୟିତା କିଏ ଅଟନ୍ତି ?

(i) Cervantes
ସରଭେଣ୍ଟିସ୍

(ii) Thomas More
ଟମାସ୍ ମୋର୍

(iii) Francis Bacon
ଫ୍ରାନ୍‌ସିସ୍ ବେକନ୍

(iv) Christopher Marlowe
ଖ୍ରୀଷ୍ଟୋଫର ମାର୍ଲୋ

(e) Who was the inventor of 'Flying Shuttle'?
କିଏ 'ଉଡ଼ନ୍ତା କଣ୍ଢା'ର ଉଦ୍ଭାବକ ଥିଲେ ?

(i) James Hargreaves
ଜେମସ୍ ହାରଗ୍ରୀଭ୍‌ସ୍

(ii) John Kay
ଜନ୍ କେ

(iii) Richard Arkwright
ରିଚାର୍ଡ ଆର୍କରାଇଟ୍

(iv) Cartwright
କାର୍ଟରାଇଟ୍





(f) When did the Pilgrim Fathers leave Plymouth harbour in the 'May Flower'?
କେବେ ପିଲଗ୍ରୀମ ଫାଦରମାନେ 'ମେ ଫ୍ଲାୱାର'ରେ ପ୍ଲାଇମାଉଥ୍ ବନ୍ଦର ଛାଡ଼ିଥିଲେ ?

(i) 1603 AD
୧୬୦୩ ଖ୍ରୀଷ୍ଟାବ୍ଦ

(ii) 1607 AD
୧୬୦୭ ଖ୍ରୀଷ୍ଟାବ୍ଦ

(iii) 1620 AD
୧୬୨୦ ଖ୍ରୀଷ୍ଟାବ୍ଦ

(iv) 1733 AD
୧୭୩୩ ଖ୍ରୀଷ୍ଟାବ୍ଦ

(g) Who was the author of *The Spirit of the Laws*?
ଦି ସ୍ପିରିଟ୍ ଅଫ୍ ଦି ଲଜ୍‌ର ଲେଖକ କିଏ ଥିଲେ ?

(i) Montesquieu
ମଣ୍ଟେସ୍କ୍ୟୁ

(ii) Rousseau
ରୁଷୋ

(iii) Voltaire
ଭଲଟେୟାର

(iv) Necker
ନେକର୍

*(h)* How many permanent members are there in the Security Council of the United Nations Organization?

ମିଳିତ ଜାତିସଂଘର ନିରାପତ୍ତା ପରିଷଦରେ କେତେଜଣ ସ୍ଥାୟୀ ସଭ୍ୟ ଅଛନ୍ତି ?

*(i)* 5
୫

*(ii)* 6
୬

*(iii)* 10
୧୦

*(iv)* 11
୧୧

*(i)* In which year did Vasco da Gama discover the sea-route to India?

କେଉଁ ମସିହାରେ ଭାସ୍କୋ ଡା ଗାମା ଭାରତକୁ ଜଳପଥ ଆବିଷ୍କାର କରିଥିଲେ ?

*(i)* 1492
୧୪୯୨

*(ii)* 1497
୧୪୯୭

*(iii)* 1498
୧୪୯୮

*(iv)* 1521
୧୫୨୧





*(j)* Who did organize 'Young Italy'?

କିଏ 'ୟଙ୍ଗ ଇଟାଲୀ' ସଙ୍ଗଠିତ କରିଥିଲେ ?

*(i)* Gioberti
ଜିଓବର୍ତ୍ତି

*(ii)* Mazzini
ମାଜିନି

*(iii)* Cavour
କାଭୁର

*(iv)* Garibaldi
ଗାରିବାଲ୍ଡି

*(k)* In which year did the World Trade Organization start functioning?

କେଉଁ ମସିହାରେ ବିଶ୍ୱ ବାଣିଜ୍ୟ ସଂଗଠନ କାର୍ଯ୍ୟ ଆରମ୍ଭ କରିଥିଲା ?

*(i)* 1985
୧୯୮୫

*(ii)* 1990
୧୯୯୦

*(iii)* 1995
୧୯୯୫

*(iv)* 2000
୨୦୦୦



https://www.freshersnow.com/category/govt-boards/board-model-papers/

(*l*) Who did deliver the 'Iron Curtain' speech?
କିଏ 'ଲୌହ ପରଦା' ଅଭିଭାଷଣ ପ୍ରଦାନ କରିଥିଲେ ?

(*i*) Lenin
ଲେନିନ୍

(*ii*) F. D. Roosevelt
ଏଫ୍. ଡି. ରୁଜ୍‌ଭେଲ୍ଟ

(*iii*) Winston Churchill
ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ

(*iv*) George Marshall
ଜର୍ଜ ମାର୍ଶାଲ

(*m*) Who did prepare the first calendar?
ପ୍ରଥମ ଦିନପଞ୍ଜି କେଉଁମାନେ ପ୍ରସ୍ତୁତ କରିଥିଲେ ?

(*i*) The Egyptians
ମିଶରୀୟମାନେ

(*ii*) The Chinese
ଚୀନାମାନେ

(*iii*) The Sumerians
ସୁମେରୀୟମାନେ

(*iv*) The Romans
ରୋମୀୟମାନେ





(*n*) Who is known as the 'Herodotus of China'?
'ଚୀନ୍‌ର ହେରୋଡୋଟସ୍' ଭାବେ କିଏ ପରିଚିତ ?

(*i*) Lao Tse
ଲାଓ ସେ

(*ii*) Shih Huang Ti
ସି ହ୍ୱାଙ୍ଗ ତି

(*iii*) Confucius
କନ୍‌ଫ୍ୟୁସିୟସ୍

(*iv*) Su Ma Chin
ସୁ ମା ଚୀନ୍

(*o*) Who did recognize Christianity as the only State religion of Rome?
ଖ୍ରୀଷ୍ଟଧର୍ମକୁ ରୋମର ଏକମାତ୍ର ରାଷ୍ଟ୍ରଧର୍ମ ଭାବେ କିଏ ସ୍ୱୀକୃତି ପ୍ରଦାନ କରିଥିଲେ ?

(*i*) Julius Caesar
ଜୁଲିୟସ ସିଜର

(*ii*) Constantine
କନ୍‌ଷ୍ଟାଣ୍ଟାଇନ୍

(*iii*) Nero
ନୀରୋ

(*iv*) Theodosius I
ପ୍ରଥମ ଥିଓଡୋସିୟସ

**2.** Complete each sentence filling in the blank : 1×15=15

ଶୂନ୍ୟସ୍ଥାନ ପୂରଣ କରି ପ୍ରତ୍ୟେକ ବାକ୍ୟ ସମ୍ପୂର୍ଣ୍ଣ କର :

*(a)* The landed estate of the feudal lord was known as ——.

ସାମନ୍ତଙ୍କର ଜମିଦାରୀକୁ —— କୁହାଯାଉଥିଲା ।

*(b)* 'Last Judgement' is the famous work of art of ——.

'ଲାଷ୍ଟ ଜଜ୍‌ମେଣ୍ଟ' ——ଙ୍କର ପ୍ରସିଦ୍ଧ କଳାକୃତି ଅଟେ ।

*(c)* —— went round the world in the ship 'Golden Hind'.

'ଗୋଲଡେନ୍ ହିନ୍ଦ' ଜାହାଜରେ —— ପୃଥିବୀ ପରିକ୍ରମା କରିଥିଲେ ।

*(d)* The first locomotive pulled by steam engine ran between Manchester and ——.

ପ୍ରଥମ ବାଷ୍ପଚାଳିତ ରେଳଇଞ୍ଜିନ୍ ମାଞ୍ଚେଷ୍ଟର ଓ —— ମଧ୍ୟରେ ଚାଲିଥିଲା ।

*(e)* —— was the Commander-in-Chief of the American colonies during the American War of Independence.

ଆମେରିକା ସ୍ୱାଧୀନତା ସଂଗ୍ରାମ ସମୟରେ —— ଆମେରିକା ଉପନିବେଶମାନଙ୍କର ସେନାଧ୍ୟକ୍ଷ ଥିଲେ ।





*(f)* —— was known as the 'Butterfly' king in the history of France.

ଫରାସୀ ଇତିହାସରେ —— 'ପ୍ରଜାପତି' ରାଜା ଭାବେ ପରିଚିତ ଥିଲେ ।

*(g)* —— was the leader of the Army of Thousand Red Shirts.

—— ସହସ୍ର ଲାଲକୁର୍ତ୍ତା ବାହିନୀର ନେତା ଥିଲେ ।

*(h)* A battle took place between France and Prussia at —— in 1870 AD.

୧୮୭୦ ମସିହାରେ —— ଠାରେ ଫ୍ରାନସ୍ ଓ ପ୍ରୁସିଆ ମଧ୍ୟରେ ଏକ ଯୁଦ୍ଧ ସଂଘଟିତ ହୋଇଥିଲା ।

*(i)* The Anti-Comintern Pact was signed between Germany and —— in 1936 AD.

୧୯୩୬ ମସିହାରେ ଜର୍ମାନୀ ଓ —— ମଧ୍ୟରେ ଆଣ୍ଟି-କମିଣ୍ଟର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

*(j)* The Head of the Secretariat of the United Nations Organization is called ——.

ମିଳିତ ଜାତିସଂଘ ସଚିବାଳୟର ମୁଖ୍ୟଙ୍କୁ —— କୁହାଯାଏ ।

*(k)* The Warsaw Pact was signed in the year ——.

—— ମସିହାରେ ୱାର୍ସ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

(l) The First Non-Aligned Nations Conference was held at ——.

—— ଠାରେ ପ୍ରଥମ ଗୋଷ୍ଠୀ-ନିରପେକ୍ଷ ରାଷ୍ଟ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

(m) The learned men of the ancient Chinese civilization were called ——.

ପ୍ରାଚୀନ ଚୀନ ସଭ୍ୟତାର ଜ୍ଞାନୀ ଲୋକମାନଙ୍କୁ —— କୁହାଯାଉଥିଲା ।

(n) Pericles was elected to the position of —— continuously for 30 years.

—— ପଦବୀକୁ କ୍ରମାଗତ ଭାବେ ୩୦ ବର୍ଷ ଧରି ପେରିକ୍ଲିସ୍ ନିର୍ବାଚିତ ହୋଇଥିଲେ ।

(o) The Chief Justice of ancient Rome was called ——.

ପ୍ରାଚୀନ ରୋମର ପ୍ରଧାନ ବିଚାରପତିଙ୍କୁ —— କୁହାଯାଉଥିଲା ।





## GROUP—B

## ଖ—ବିଭାଗ

3. Answer any *eleven* questions. Write each answer within *2* sentences : 2×11=22

ଯେକୌଣସି ଏଗାରୋଟି ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକ ଉତ୍ତର ୨ଟି ବାକ୍ୟ ମଧ୍ୟରେ ଲେଖ :

(a) Who did invent the 'Safety Lamp' and whom did it help?

କିଏ 'ନିରାପଦ ବତୀ' ଉଦ୍ଭାବନ କରିଥିଲେ ଏବଂ ଏହା କାହାକୁ ସାହାଯ୍ୟ କରିଥିଲା ?

(b) When did Bastille fall and what was the significance of the incident?

କେବେ ବାଷ୍ଟିଲର ପତନ ହେଲା ଏବଂ ଏହି ଘଟଣାର ମହତ୍ତ୍ୱ କ'ଣ ଥିଲା ?

(c) Which pact was signed between Cavour and Napoleon III and when?

କାଭୁର ଓ ତୃତୀୟ ନେପୋଲିୟନ୍‌ଙ୍କ ମଧ୍ୟରେ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ କେବେ ?

(d) Which countries did sign the Treaty of Brest-Litovsk and why?

କେଉଁ ଦେଶମାନେ ବ୍ରେଷ୍ଟ-ଲିଟୋଭସ୍କ ସନ୍ଧି ସ୍ୱାକ୍ଷର କରିଥିଲେ ଏବଂ କାହିଁକି ?

(e) Who did abdicate the throne of Russia and who did form the interim government thereafter?
କିଏ ରୁଷିଆର ସିଂହାସନ ତ୍ୟାଗ କରିଥିଲେ ଏବଂ ଏହାପରେ କିଏ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରିଥିଲେ ?

(f) How many countries did form the Balkan League and which country was their opponent?
କେତୋଟି ଦେଶ ବଲକାନ୍ ଲିଗ୍ ଗଠନ କରିଥିଲେ ଏବଂ କେଉଁ ଦେଶ ସେମାନଙ୍କର ପ୍ରତିପକ୍ଷ ଥିଲା ?

(g) Who did build the Great Wall of China and why?
ଚୀନ୍‌ର ବିଶାଳ ପ୍ରାଚୀର କିଏ ନିର୍ମାଣ କରିଥିଲେ ଏବଂ କାହିଁକି ?

(h) Which city is called 'City of Seven Hills' and why?
କେଉଁ ନଗରୀକୁ 'ସପ୍ତ ପାହାଡ଼ ନଗରୀ' କୁହାଯାଏ ଏବଂ କାହିଁକି ?

(i) When did India introduce globalization and who was the Finance Minister of India then?
ଭାରତ କେବେ ଜଗତୀକରଣ ପ୍ରଚଳନ କରିଥିଲା ଏବଂ ସେତେବେଳେ କିଏ ଭାରତର ଅର୍ଥମନ୍ତ୍ରୀ ଥିଲେ ?



( Continued )



(j) Who was the leader of the Nazi Party in Germany and when did it come to power?
ଜର୍ମାନୀରେ ନାଜି ଦଳର ନେତା କିଏ ଥିଲେ ଏବଂ ଏହା କେବେ କ୍ଷମତାକୁ ଆସିଥିଲା ?

(k) Where was the First SAARC Summit held and when?
କେଉଁଠାରେ ପ୍ରଥମ ସାର୍କ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଏବଂ କେବେ ?

(l) Who said, "Father, forgive them for they know not what they do" and at the occurrence of which incident did he say this?
କିଏ କହିଥିଲେ, "ହେ ପିତା, ଏମାନଙ୍କୁ କ୍ଷମା କର କାରଣ ଏମାନେ କ'ଣ କରୁଛନ୍ତି, ତାହା ଜାଣନ୍ତି ନାହିଁ" ଏବଂ କେଉଁ ଘଟଣା ଘଟିବା ସମୟରେ ସେ ଏହା କହିଥିଲେ ?

(m) How many judges are there in the International Court of Justice and what is the tenure of each judge?
ଆନ୍ତର୍ଜାତିକ ବିଚାରାଳୟର ବିଚାରପତିଙ୍କ ସଂଖ୍ୟା କେତେ ଏବଂ ପ୍ରତ୍ୟେକ ବିଚାରପତିଙ୍କ କାର୍ଯ୍ୟକାଳ କେତେ ବର୍ଷ ?

(n) Who did call the inhabitants of Cuba and Haiti 'Red Indians' and why?
କ୍ୟୁବା ଓ ହାଇତିର ଅଧିବାସୀମାନଙ୍କୁ କିଏ 'ଲୋହିତ ଭାରତୀୟ' କହିଥିଲେ ଏବଂ କାହିଁକି ?



( Turn Over )

4. Write short notes on any *six* of the following topics within 6 sentences each : 3×6=1

ନିମ୍ନଲିଖିତ ପ୍ରସଙ୍ଗମାନଙ୍କ ମଧ୍ୟରୁ ଯେକୌଣସି **ଛ'ଗୋଟି** ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ, ପ୍ରତ୍ୟେକ ଟିପ୍ପଣୀ ୬ଟି ବାକ୍ୟ ମଧ୍ୟରେ ରହିବ :

(a) Issue of Italy in Congress of Vienna
ଭିଏନା କଂଗ୍ରେସରେ ଇଟାଲୀ ପ୍ରସଙ୍ଗ

(b) The Atlantic Charter
ଆଟଲାଣ୍ଟିକ୍ ସନନ୍ଦ

(c) Taoism
ତାଓ ମତବାଦ

(d) North Atlantic Treaty Organization
ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ

(e) Objectives of 'ASEAN'
'ଏସିଆନ୍'ର ଉଦ୍ଦେଶ୍ୟ

(f) Merits of Industrial Revolution
ଶିଳ୍ପ ବିପ୍ଳବର ସୁଫଳ

(g) Louis XVI
ଷୋଡ଼ଶ ଲୁଇ

(h) Senate of Ancient Rome
ପ୍ରାଚୀନ ରୋମ୍‌ର ସିନେଟ୍





GROUP—C

ଗ—ବିଭାଗ

nswer any *four* questions : 7½×4=30

ଯକୌଣସି **ଚାରିଗୋଟି** ପ୍ରଶ୍ନର ଉତ୍ତର ଦିଅ :

5. Narrate briefly the causes of the American War of Independence.
ଆମେରିକା ସ୍ୱାଧୀନତା ସଂଗ୍ରାମର କାରଣମାନ ସଂକ୍ଷେପରେ ବର୍ଣ୍ଣନ କର ।

6. Discuss the role of Bismarck in the unification of Germany.
ଜର୍ମାନୀ ଏକତ୍ରୀକରଣରେ ବିସ୍‌ମାର୍କଙ୍କ ଭୂମିକା ଆଲୋଚନା କର ।

7. Analyze the causes of the World War I.
ପ୍ରଥମ ବିଶ୍ୱଯୁଦ୍ଧର କାରଣମାନ ବିଶ୍ଳେଷଣ କର ।

8. Prepare a note on the merits and demerits of globalization of economy.
ଅର୍ଥନୀତି ଜଗତୀକରଣର ସୁଫଳ ଓ କୁଫଳ ସମ୍ବନ୍ଧରେ ଏକ ଟିପ୍ପଣୀ ପ୍ରସ୍ତୁତ କର ।

9. Why is the age of Pericles called Golden Age of Greece?
ପେରିକ୍ଲିସଙ୍କ ଯୁଗକୁ କାହିଁକି ଗ୍ରୀସ୍‌ର ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ ?

10. Describe the contributions of ancient Egypt in the field of science, art and architecture.
ବିଜ୍ଞାନ, କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ପ୍ରାଚୀନ ମିଶରର ଅବଦାନଗୁଡ଼ିକ ବର୍ଣ୍ଣନ କର ।

★ ★ ★